


## ଚିନ୍ତାଜନକ ସ୍ଥିତିରେ ଜିଲ୍ଲାର ସଡ଼କ ଦୁର୍ଘଟଣା

# ୧୧ ମାସରେ ଯାଇଛି ୩୩୮ ଜୀବନ

ଭୁବନେଶ୍ୱର, ୩୧।୧୨ (ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। କେବଳ ରାଜ୍ୟ ନୁହେଁ, ଖୋର୍ଦ୍ଧା ଜିଲ୍ଲା ବା ବିଶେଷକରି ରାଜଧାନୀ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ପରିବହନ ବିଭାଗ ଠାରୁ ଆରମ୍ଭ କରି ଟ୍ରାଫିକ ପୁଲିସ ପର୍ଯ୍ୟନ୍ତ ସବୁସ୍ତରରେ ଯାଞ୍ଚ କଡ଼ାକଡ଼ି ହେଉଥିଲେ ମଧ୍ୟ ସଡ଼କ ଦୁର୍ଘଟଣା ହାର କମିବାର ନାଁ ନେଉନାହିଁ। ସରକାରୀ ତଥ୍ୟ କହୁଛି, ସଡ଼କ ଦୁର୍ଘଟଣାରେ ପ୍ରତି ବର୍ଷ ଦେଶରେ ଦେଢ଼ ଲକ୍ଷ ଓ ରାଜ୍ୟରେ ପ୍ରାୟ ୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି। ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୪୮ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଗତ ୧୧ ମାସ ମଧ୍ୟରେ ଭୁବନେଶ୍ୱରରେ ଯାଇଛି କେବଳ ୩୩୮ ଜଣଙ୍କ ଜୀବନ। ଏକ ଲକ୍ଷରୁ ଅଧିକ ଲୋକେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜ୍ୟରେ ଦିନକୁ ହାରାହାରି ୧୬ ଜଣଙ୍କର ମୃତ୍ୟୁ ସଡ଼କ ଦୁର୍ଘଟଣା ଜନିତ।

ଖୋର୍ଦ୍ଧା ଜିଲ୍ଲାରେ ସଡ଼କ ଦୁର୍ଘଟଣା ମଧ୍ୟ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଅନେକ କଟକଣା ଓ ଧରପଗଡ଼ ସତ୍ତ୍ୱେ, ଦୁର୍ଘଟଣା ଓ ମୃତ୍ୟୁହାର କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଗତବର୍ଷ ଜାନୁୟାରୀରୁ ନଭେମ୍ବର ମାସ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ୧୧୬୬ ଦୁର୍ଘଟଣା ଘଟିଥିଲା। ଏଥିରେ ୩୩୪ ଜଣ ପ୍ରାଣ ହରାଇଥିବା ବେଳେ ୬୩୦ ଜଣ ଆହତ ହୋଇଥିଲେ। ଚଳିତବର୍ଷ ସେହି ସମୟସୀମା ମଧ୍ୟରେ ଦୁର୍ଘଟଣା ବୃଦ୍ଧି ପାଇବା ସହ ମୃତାହତ ମଧ୍ୟ ଗତବର୍ଷର ସଂଖ୍ୟାକୁ ଅତିକ୍ରମ କରିଛି। ଚଳିତବର୍ଷ ଜାନୁୟାରୀ ମାସରୁ ନଭେମ୍ବର ମାସ ଭିତରେ ୧୧୭୪ଟି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାଗୁଡ଼ିକରେ ୬୫୦ ଜଣ ଆହତ ହୋଇଥିବା ବେଳେ ୩୩୮ଟି ମୂଲ୍ୟବାନ ଜୀବନ ଯାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ୦.୬୮ ପ୍ରତିଶତ ଦୁର୍ଘଟଣା ବଢ଼ିଛି। ସେହିପରି ମୃତ୍ୟୁହାର ମଧ୍ୟ ୧.୧୯% ବୃଦ୍ଧି ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଦୁର୍ଘଟଣା ମଧ୍ୟରୁ ସିଂହଭାଗ ରାଜଧାନୀରେ ଘଟିଛି।? ମଦ୍ୟପାନ କରି ଗାଡ଼ି ଚାଳନା, ଦ୍ରୁତଗତିରେ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ସମୟରେ ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର ନ କରିବା, ବିପରୀତ ଦିଗରେ ଗାଡ଼ି ଚଳାଇବା ଓ ଗାଡ଼ି ଚାଳନା ସମୟରେ ମୋବାଇଲ ଫୋନ୍ ବ୍ୟବହାର ଯୋଗୁଁ ଦୁର୍ଘଟଣା ହାରରେ ବୃଦ୍ଧି ଘଟୁଛି। ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ ସହ ପ୍ରତିକାର ବ୍ୟବସ୍ଥା କରାଯିବା ପରେ ବି ସ୍ଥିତିରେ ସୁଧାର ଆସିପାରି ନାହିଁ।

- ■ କଟକଣା ସତ୍ତ୍ୱେ ବର୍ଷକରେ ୧୧୭୪ ଦୁର୍ଘଟଣା
- ■ ଗତବର୍ଷ ତୁଳନାରେ ମୃତ୍ୟୁହାର ବଢ଼ିଛି ୧.୧୯ %

● ୩୭ତମ ସାଧାରଣ ବୈଠକରେ ନିଷ୍ପତ୍ତି

# ଦୁଇରୁ ହଟିବ ବକେୟା ଥିବା ଏଜେନ୍ସିଙ୍କ ହୋର୍ଡିଂ

ଭୁବନେଶ୍ୱର, ୩୧।୧୨(ସମିସ):ବିଏମ୍‌ସି ଅଞ୍ଚଳରେ ହୋର୍ଡିଂ ମାରିବା ପାଇଁ ଅନୁମତି ନେଇଥିବା ସଂସ୍ଥା ବକେୟା ରାଶି ପୈଠ କରି ନ ଥିଲେ ସମସ୍ତ ହୋର୍ଡିଂ କାଢ଼ାଯିବ। ଆସନ୍ତା ଜାନୁଆରୀ ୨ତାରିଖରୁ ଏହି ଅଭିଯାନ ଆରମ୍ଭ ହେବ। ସେହିପରି ପୂର୍ବରୁ ଜନପଥରେ ଲାଗିଥିବା ହୋର୍ଡିଂରୁ ଆୟ ଅର୍ଥ ସ୍ମାର୍ଟ ସିଟିକୁ ଯାଉଥିବା ବେଳେ ବର୍ତ୍ତମାନ ସେ ସବୁ ବିଏମ୍‌ସିକୁ ଆସିବ। ୫୦୦୦ ବର୍ଗଫୁଟରୁ ଅଧିକ ସ୍ଥାନରେ କୌଣସି ନିର୍ମାଣ କାର୍ଯ୍ୟ ପାଇଁ ଏନ୍‌ଓସି ଅନୁମୋଦନ କରିବା ପୂର୍ବରୁ ତାହା ପ୍ଲାନିଂ ଷ୍ଟାଣ୍ଡିଂ କମିଟିକୁ ଅବଗତ କରିବାକୁ ପଡ଼ିବ ବୋଲି ବିଏମ୍‌ସି ୩୭ତମ ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହ ନିୟମ ଉଲ୍ଲଙ୍ଘନ କରି ବହୁତଳ ଆପାର୍ଟମେଣ୍ଟ ନିର୍ମାଣ କଲେ, ସେମାନଙ୍କଠାରୁ ଜୋରିମାନା ଆଦାୟ ହେବ କିମ୍ବା କାର୍ଯ୍ୟ ବନ୍ଦ କରିଦିଆଯିବା ସହ ସମସ୍ତ ବ୍ୟବସାୟୀଙ୍କଠାରୁ ଯଥୋଚିତ ୟୁଜର୍ସ ଫି ଆଦାୟ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ କମିସନର ଚଞ୍ଚଳ ରାଣା, ବିଏମ୍‌ସିକୁ ଦେଶର ସ୍ୱଚ୍ଛ ସହର ତାଲିକାର ପ୍ରଥମ ତିନୋଟି ସ୍ଥାନ ମଧ୍ୟରେ ରଖିବା ପାଇଁ କର୍ପୋରେଟରମାନଙ୍କର ସହାୟତା କାମନା କରିବା ସହ ଟିଟିଏସ୍, ବାୟୋ ମାଇନିଂ, ଦୟା ୱେଷ୍ଟ ସହ ଅନେକ ବଡ଼ ବଡ଼ ପ୍ରକଳ୍ପ କାମ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ରାଜସ୍ୱ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜସ୍ୱ ବୃଦ୍ଧି ଯେଉଁ ପରିମାଣରେ ହେବ, ସେହି ପରିମାଣରେ ୫ମ ଅର୍ଥ କମିସନର ଅର୍ଥ ବରାଦ କରିବେ ବୋଲି କମିସନର ଗୃହକୁ ଅବଗତ କରାଇଥିଲେ। ଆବଶ୍ୟକ କର୍ମଚାରୀ ନଥିବାରୁ ଜଣେ ଜଣେ ୱାର୍ଡ ଅଫିସର ଏକାଧିକ ୱାର୍ଡରୁ ଟାକ୍ସ କଲେକ୍ସନ କରୁଛନ୍ତି। ଫଳରେ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି କର୍ପୋରେଟରମାନେ ଅଭିଯୋଗ କରିଥିବା ବେଳେ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ପତ୍ର ଲେଖାଯିବ ବୋଲି କମିସନର ଗୃହକୁ ଅବଗତ କରାଇଥିଲେ। ବୈଠକରେ ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ କର୍ପୋରେଟର ଓ ଉପବିଭାଗୀୟ ଅଧିକାରୀମାନଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ବୈଠକରେ ମୋଟ୍ ୧୫ଟି ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ସିଟି ଇଂଜିନିୟର ନୀରଦ ଚନ୍ଦ୍ର ରଥ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରାଙ୍କ ସମେତ କର୍ପୋରେଟରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ।

- ■ ସ୍ମାର୍ଟ ସିଟି ବଦଳରେ ବିଏମ୍‌ସି ନେବ ଜନପଥ ହୋର୍ଡିଂ ଟାକ୍ସ
- ■ ବିଏମ୍‌ସି ବ୍ୟତୀତ ଅନ୍ୟ ମାର୍କେଟରୁ ଆଦାୟ ହେବ ୟୁଜର୍ସ ଫି

## ମାନେକା ଗାନ୍ଧୀ ପ୍ରଦାନ କରିବେ ଗାନ୍ଧୀ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୩୧।୧୨(ସମିସ): ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କ ପୁଣ୍ୟତିଥି ଅବସରରେ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ। ଆସନ୍ତା ୪ରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ଶ୍ରୀମତୀ ଗାନ୍ଧୀ। ଜୟଦେବ ଭବନ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦର ଆବଶ୍ୟକତା, ସୁରକ୍ଷା ଓ କଲ୍ୟାଣ କ୍ଷେତ୍ରରେ ଗାନ୍ଧୀଜୀଙ୍କ ମାର୍ଗ ଦର୍ଶନ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଏହାର ପ୍ରାସଙ୍ଗିକତା ଉପରେ ଶ୍ରୀମତୀ ଗାନ୍ଧୀ ବକ୍ତବ୍ୟ ରଖିବେ। ପ୍ରଫେସର ନିବେଦିତା ମହାନ୍ତି ଭିତ୍ତିଭାଷଣ ପ୍ରଦାନ କରିବେ।

## ସାମ୍ବାଦିକଙ୍କୁ ନବୀକରଣ ଅଧିସ୍ୱୀକୃତିପତ୍ର ପ୍ରଦାନ



ଭୁବନେଶ୍ୱର, ୩୧।୧୨(ସମିସ): ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତଥା ସାମ୍ବାଦିକମାନଙ୍କୁ ୨୦୨୬ ବର୍ଷ ପାଇଁ ସେମାନଙ୍କର ନବୀକରଣ ଅଧିସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ବିଭାଗୀୟ କାର୍ଯ୍ୟାଳୟରେ ୨୦୨୬ ବର୍ଷ ପାଇଁ ସମ୍ପୃକ୍ତ ସାମ୍ବାଦିକମାନଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି। ରାଜ୍ୟର ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଭାଗବତ ତ୍ରିପାଠୀ, ଗୁରୁ କଲ୍ୟାଣ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର ପ୍ରମୁଖ ସେମାନଙ୍କ ନବୀକରଣ ଅଧିସ୍ୱୀକୃତ ପତ୍ର ଗ୍ରହଣ କରିଛନ୍ତି।

## କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ 'ଶେଷ ସ୍ୱର୍ଶ'

ଭୁବନେଶ୍ୱର, ୩୧।୧୨(ସମିସ): ନୂଆବର୍ଷକୁ ସ୍ୱାଗତ କରିବା ଅବସରରେ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କବିତା ଆସର 'ଶେଷ ସ୍ୱର୍ଶ' ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରରେ କବି ମମତା ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସାହିତ୍ୟ ସମାଜର ସଭାପତି କବି ସୂର୍ଯ୍ୟ ମିଶ୍ର ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କବି ରକ୍ଷକ ନାୟକ ଉପସ୍ଥିତ ରହିଥିଲେ। ବରିଷ୍ଠ କବି ଅଲେଖ ନନ୍ଦିଙ୍କ 'ଅଲେଖ ଲେଖା ସମାହାର' ଉନ୍ମୋଚିତ ହୋଇଥିଲା। ଏହି କବିତା ଆସରରେ କବି ସୂର୍ଯ୍ୟ ମିଶ୍ର, ଭାଗୀରଥି ହାସୁଆର, ମିନତି ମିଶ୍ର ପ୍ରମୁଖ କବିମାନେ କବିତା ପାଠ କରିଥିଲେ। ଡ. ଜେନାମଣି ସଞ୍ଜୀବ କୁମାର ଓ ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ପ୍ରତିଷ୍ଠାନ ପକ୍ଷରୁ ଡ଼. ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


## ମୁକ୍ତିଲାଭ କଲା ୧୫ ମ୍ୟୁଜିକ୍ ଭିଡିଓ




ଭୁବନେଶ୍ୱର, ୩୧।୧୨(ସମିସ): ନୂଆବର୍ଷ ଉପଲକ୍ଷେ ଗୋଟିଏ ଦିନରେ ମୁକ୍ତିଲାଭ କରିଛି ୧୫ଟି ମ୍ୟୁଜିକ୍ ଭିଡିଓ। ନିର୍ଦ୍ଦେଶକ ବାବୁ ବାବୁ ୨୦୨୬ ନୂଆ ବର୍ଷ ଉପଲକ୍ଷେ ୧୫ଟି ମ୍ୟୁଜିକ୍ ଭିଡିଓ ନିର୍ଦ୍ଦେଶନା ଦେଇ ନିଜ ରେକର୍ଡ ନିଜେ ଭାଙ୍ଗିଛନ୍ତି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ, ସଂଳାପ ଲେଖକ ଡ. ରଜନୀ ରଞ୍ଜନ, ଅଭିନେତା ବବି ମିଶ୍ର, ନିର୍ଦ୍ଦେଶକ ବାବୁ ବାବୁ, ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଜଲି ସ୍ୱାଇଁ, ଅଭିନେତା କୈଳାଶ ମହାପାତ୍ର, ପ୍ରଯୋଜକ ରାଘବ ସ୍ୱାଇଁ, ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ଗୁଞ୍ଜୀ ସଂଯୋଜନା କାରିଥିଲେ।

## କଣ୍ଟାବାଡ଼ରେ ଶ୍ରମିକ ପାଠଶାଳା

ଭୁବନେଶ୍ୱର, ୩୧।୧୨(ସମିସ): ଶ୍ରମିକଙ୍କୁ ଶିକ୍ଷିତ କରାଇବା ଲକ୍ଷ୍ୟରେ ରେଡକ୍ରସ ଭବନଠାରେ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆକ୍ସନଏଡ୍ କର୍ଣ୍ଣାଟକ ପ୍ରୋଜେକ୍ଟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ମହେନ୍ଦ୍ର ପରିଡ଼ା, ସାମାଜିକ କର୍ମୀ ସଦାଶିବ ସ୍ୱାଇଁ ମାନସ ରଞ୍ଜନ ପ୍ରଧାନ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଭାସ୍କର ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସରସ୍ୱତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।































## ଭୁବନେଶ୍ୱର ସିଟି



# ମତୁଆଲା ରାଜଧାନୀ; ନାକେଦମ୍ ପୁଲିସ


- ପୁଲିସ ବଳୟରେ ପୂରା ସହର
- ଧରାପଡ଼ିଲେ ଶହେ ମଦ୍ୟପ ଚାଳକ
- ସିପି ଓ ଡିସିପିଙ୍କ ଫୁଟ୍ ପାଟ୍ରୋଲିଂ



ଭୁବନେଶ୍ୱର, ୩୧।୧୨ (ସମିସ): ନବବର୍ଷର ଆଗମନରେ ମତୁଆଲା ହୋଇଛନ୍ତି ଯୁବଗୋଷ୍ଠୀ। କୋଉଠି ଭୋଜିଭାତର ଆସର ଜମାଇଛନ୍ତି ତ କିଏ ବାର୍, ପବ୍ ଓ କ୍ଲବରେ ଯାଇ ସେଲିବ୍ରେସନ୍ କରିଛନ୍ତି। ବିଭିନ୍ନ ଅଞ୍ଚଳରେ ବାଣ ଫୁଟାଇ ଲୋକେ ନୂଆବର୍ଷ ପାଳନ କରିଥିଲେ। ସେହିଭଳି ବସ୍ତିଠାରୁ ଆରମ୍ଭ କରି ରାଜଧାନୀ ରାସ୍ତାକଡ଼ରେ ତଥା ବିଭିନ୍ନ ହୋଟେଲ୍ ଓ ରେସ୍ତୋରାଁରେ ନୂଆବର୍ଷ ପାଳନ କରାଯାଇଛି।

ହେଲେ ଜିରୋ ନାଇଟରେ ଜିରୋ ଟଲରେନ୍ସ ନୀତି ଆପଣାଇଥିଲା କମିସନରେଟ ପୁଲିସ। ବିଭିନ୍ନ ଛକରେ ନାକାବନ୍ଦୀ କରିବା ସହ ସହର ସାରା ପୁଲିସ ଛାଉଣୀ କରାଯାଇଥିଲା। ରାଜଧାନୀର ୨୪ଟି ଛକରେ କମିସନରେଟ ପୁଲିସ ପକ୍ଷରୁ ନାକା ଲଗାଯାଇଥିଲା। ନାକାବନ୍ଦୀ ସହିତ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଲାଗି ୫ ଜଣ ଅତିରିକ୍ତ ଡିସିପି, ୮ ଏସିପି, ୩୦ ଜଣ ଇନ୍ସପେକ୍ଟର, ୯୬ ଜଣ ଏସ୍ଆଇ/ଏଏସ୍ଆଇ ଓ ୫୮ ଜଣ ମହିଳା କନେଷ୍ଟବଳଙ୍କୁ ନିୟୋଜିତ କରାଯାଇଥିଲା। ୪ଟି କୁଇକ୍ ରେସପନ୍ସ ଟିମ୍ ମଧ୍ୟ ମୁତୟନ ହୋଇଥିଲେ। ଏହାରି ଭିତରେ ଧରାପଡ଼ିଥିଲେ ଅମାନିଆ ଚାଳକ। କିଏ ମଦ୍ୟପାନ କରି ଗାଡ଼ି ଚଲାଉଥିଲା ତ ଆଉ କେହି ପୁଲିସକୁ ଦେଖି ବିପରୀତ ଦିଗରେ ପଳାଉଥିଲା। ବିଭିନ୍ନ ଛକରୁ ପ୍ରାୟ ୧୦୦ରୁ ଅଧିକ ମଦ୍ୟପ ଚାଳକଙ୍କୁ ଧରିଥିଲା ପୁଲିସ। ଗାଡ଼ିକୁ ଜବତ କରିବା ସହ ସେମାନଙ୍କୁ ସୁରକ୍ଷିତ ଭାବେ ଘରକୁ ପଠାଇଥିଲା। ଗାଡ଼ି ଗୁଡ଼ିକୁ ପିଆର୍ ପ୍ରୋସିକ୍ୟୁସନ୍ ରିପୋର୍ଟ ଦିଆଯିବା ସହ କେତେକ କ୍ଷେତ୍ରରେ କେସ୍ ରୁଜୁ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ସେପଟେ ମହିଳାମାନେ କିପରି ସୁରକ୍ଷିତ ଭାବେ ଜିରୋ ନାଇଟ୍ ସେଲିବ୍ରେସନ୍ କରିବେ ସେଥିପାଇଁ ବାର୍, ପବ୍ ଓ କ୍ଲବ୍ ନିକଟରେ ହର୍ ଟିମକୁ ମୁତୟନ ହୋଇଛନ୍ତି। ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ବସ୍ତିରେ ପାଦଚଲା ପାଟ୍ରୋଲିଂ କରିଥିଲେ। ଶାନ୍ତିପଲ୍ଲୀ ବସ୍ତି ସମେତ ବିଭିନ୍ନ ସ୍ଥାନରେ ଏହି ଫୁଟ୍ ପାଟ୍ରୋଲିଂ କରିଥିଲେ। ଏଥିସହିତ ଧଉଳି, ଖଣ୍ଡଗିରି, ଉଦୟଗିରି ଓ ଶ୍ରୀ ଲିଙ୍ଗରାଜ ମନ୍ଦିର ଅଞ୍ଚଳର ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୁଲିସ ଟିମ୍ ନିୟୋଜିତ ହୋଇଥିଲେ।











## ନନ୍ଦନକାନନ ଖବର

### ଆସିଲା ଉଦ୍ଧାର ଗାଡ଼ଭାଲୁ

ନନ୍ଦନକାନନ, ୩୧।୧୨(ସମିସ): ନନ୍ଦନକାନ ପ୍ରାଣୀ ଉଦ୍ୟାନକୁ ଭୁବନେଶ୍ୱର ସିଟି ଫରେଷ୍ଟ ବିଭିଜନ ଦ୍ୱାରା ଏକ ଗାଡ଼ଭାଲୁ ଉଦ୍ଧାର ହୋଇ ନନ୍ଦନକାନନକୁ ଅଣାଯାଇଛି। ଗାଡ଼ଭାଲୁଟି ଅଣ୍ଡିରା ହୋଇଥିବା ବେଳେ ଆନୁମାନିକ ବୟସ ୩ ବର୍ଷ ହେବ। ସିଟି ଫରେଷ୍ଟ ଡିଭିଜନ କର୍ମଚାରୀମାନେ ଉଦ୍ଧାର ଗାଡ଼ ଭାଲୁଟିକୁ ଆଣି ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ଗାଡ଼ ଭାଲୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରାଣୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରଖା ଯାଇଛି। ନନ୍ଦନକାନନର ଗାଡ଼ ଭାଲୁ ସଂଖ୍ୟା ମୋଟ ୫କୁ ବୃଦ୍ଧି ହୋଇଛି।

### ଶେଷଦିନରେ ଆସିଲେ ୨୩ ହଜାର ପର୍ଯ୍ୟଟକ

ନନ୍ଦନକାନନ, ୩୧।୧୨(ସମିସ): ପର୍ଯ୍ୟଟନ ଋତୁ ସାଙ୍ଗକୁ ୨୦୨୫ର ଶେଷଦିନରେ ନନ୍ଦନକାନନକୁ ଛୁଟି ଆସିଥିଲେ ହଜାର ହଜାର ପର୍ଯ୍ୟଟକ। ମିଳିଥିବା ସୂଚନା ଅନୁସାରେ ବୁଧବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବୁଲିବାକୁ ୨୩, ୦୮୦ ଜଣ ପର୍ଯ୍ୟଟକ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ୧୧୪୩ ଜଣ ପର୍ଯ୍ୟଟକ ଟିକଟ କାଟିଥିଲେ। ୨୦୨୫ବର୍ଷରେ ନନ୍ଦନକାନନକୁ ମୋଟ ୪୦ଲକ୍ଷ ୨୦ହଜାର ୫୩୯ଜଣ ପର୍ଯ୍ୟଟକ ଆସିଛନ୍ତି। ୨୦୨୪ବର୍ଷରେ ମୋଟ ୩୭ଲକ୍ଷ ୯ ୯ହଜାର ୪୫୨ଜଣ ପର୍ଯ୍ୟଟକ ଆସିଥିବା ବେଳେ, ବର୍ଷ ୨୦୨୪ଅପେକ୍ଷା ବର୍ଷ ୨୦୨୫ରେ ୨ଲକ୍ଷ୨୧ହଜାର୮୭ଜଣ ପର୍ଯ୍ୟଟକ ଅଧିକ ଆସିଥିବା ନେଇ ଉପ ନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି।








# ଭୁବନେଶ୍ୱର ସିଟି

## ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୩୧।୧୨(ସମିସ): ଉତ୍କଳ ସମ୍ମିଳନୀର ୧୨୩ ତମ ପ୍ରତିଷ୍ଠା ଦିବସ ସମାରୋହ ବୁଧବାର ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟର ମଧୁସୂଦନ କକ୍ଷରେ ଅନୁଷ୍ଠିତ ହୋଇଛି। ଶତାୟୁ ପୁରୁଷ ଉତ୍କଳ ସମ୍ମିଳନୀର ଉପଦେଷ୍ଟା ପଦ୍ମ ଚରଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାରୋହରେ ମୁଖ୍ୟବକ୍ତା ଭାବେ ଲେଖକ ତଥା କୃଷି ବୈଜ୍ଞାନିକ ନଟବର ଖୁଣ୍ଟିଆ ଉପସ୍ଥିତ ଥିଲେ। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୋଷାଧକ୍ଷା ସୌଦାମିନୀ ସାମନ୍ତରାୟ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ବାସନ୍ତି ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।






### ବଦଳିଛି ଉପହାର ସଂଜ୍ଞା

# ନୂଆବର୍ଷ ପାଇଁ ବୋହିନେଲେ ଗଛ

ଭୁବନେଶ୍ୱର, ୩୧।୧୨(ସମିସ): ରାତି ପାହିଲେ ନୂଆବର୍ଷ। ସେଥିପାଇଁ ଚଳଚଞ୍ଚଳ ରାଜଧାନୀ। କେଉଁଠି ଫୁଲର ସମ୍ଭାର ତ ଆଉ କେଉଁଠି ମେଳିଛି ସାଜସଜ୍ଜା ଉପକରଣ ଜମିଛି ଆସର। ସେହିଭଳି ନିଜ ସାଙ୍ଗସାଥୀ ବା ପ୍ରିୟଜନଙ୍କୁ କିଏ କଣ ଉପହାର ଦେବ ସେଥିପାଇଁ ଆଜିଠୁ ପ୍ରସ୍ତୁତିରେ ଲାଗିଛନ୍ତି। ଏହାରି ଭିତରେ ନୂଆବର୍ଷ ଉପହାର ତାଲିକାରେ ସାମିଲ ହୋଇଛି ଗଛ। ବର୍ତ୍ତମାନ ସମୟରେ ଲୋକ ବୁକେ ଅପେକ୍ଷା ପରସ୍ପରକୁ ଗଛ ଦେବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

### ରାଜଧାନୀର ବିଭିନ୍ନ ନର୍ସରୀରେ ଲୋକଙ୍କ ଭିଡ଼

ରାଜଧାନୀରେ ଗୋଟିଏ ଗୋଟିଏ ନର୍ସରୀରୁ ଦେଢ଼ ହଜାରରୁ ଦୁଇ ହଜାର ପର୍ଯ୍ୟନ୍ତ ଗଛବିକ୍ରି ହୋଇଥିବା ପରିଲକ୍ଷିତ ହୋଇଛି। ଏହିଭଳି ଭୁବନେଶ୍ୱର ଏବଂ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଥିବା ଶତାଧିକ ନର୍ସରୀରୁ ଲକ୍ଷାଧିକ ସଂଖ୍ୟାରେ ଗଛ ବିକ୍ରି ହୋଇଛି। ସେଥିମଧ୍ୟରେ ଅଧିକାଂଶ ଅମ୍ଳଜାନ ପ୍ରଦାନକାରୀ ଗଛ ରହିଛି। ଆଜିକାଲି ପରିବେଶକୁ ନେଇ ସବୁ ଚିନ୍ତିତ। ସେଥିପାଇଁ ଅଧିକାଂଶ ଲୋକେ ଘର ଭିତରେ ଓ ବାହାରେ ଅଧିକ ପରିମାଣରେ ଅମ୍ଳଜାନ ପ୍ରଦାନକାରୀ ଗଛ ଲଗାଉଛନ୍ତି।

ସେହିପରିପେକ୍ଷୀରେ ପରିବେଶ ପ୍ରତି ସଚେତନା ଦୃଷ୍ଟିରେ ଏବେ ଉପହାରର ସଜ୍ଞା ବଦଳିଛି। ସେଥିପାଇଁ ନୂଆ ବର୍ଷ ପୂର୍ବ ଦିନରୁ ହିଁ ରାଜଧାନୀର ବିଭିନ୍ନ ନର୍ସରୀରେ ଭିଡ ଦେଖିବାକୁ ମିଳୁଛି। ଅଧିକାଂଶ ଲୋକ ଇନଡୋର ପ୍ଲାଣ୍ଟ ହିଁ ଉପହାରର ପାଇଁ ବାଛୁଛନ୍ତି। ବିଭିନ୍ନ ସ୍ଥାନରେ ନୂଆବର୍ଷ ପାଳନକୁ ନେଇ ସଭା ଓ କାର୍ଯ୍ୟକ୍ରମ ଥିବାରୁ ଦୁଇଦିନ ଆଗରୁ ହିଁ ଲୋକେ ଉପହାର ଦେବା ପାଇଁ



ଏହି ଗଛ ପାଇଁ ଅର୍ଡର କରିଛନ୍ତି ବୋଲି ନର୍ସରୀରେ ଥିବା କର୍ମଚାରୀ କହିଛନ୍ତି। ରାମ ମନ୍ଦିର ଛକ, ଏକ ନମ୍ବର ହାଟ, ଖଣ୍ଡଗିରି ଛକ, ଫାୟାର ଷ୍ଟେସନ, ପାତ୍ରପଡ଼ା ଆଦି ବିଭିନ୍ନ ସ୍ଥାନରେ ଥିବା ନର୍ସରୀରେ ଭିଡ଼ ପରିଲକ୍ଷିତ ହୋଇଥିଲା। ବିକ୍ରି ହୋଇଥିବା ଗଛ ମଧ୍ୟରେ ପାଥୋସ୍, ଏରିକା ପାମ, ସ୍ନେକ୍ ପ୍ଲାଣ୍ଟ, ସ୍ପାଇଡର୍ ପ୍ଲାଣ୍ଟ, ପିସ୍ ଲିଲି, ଏଲୋବେରା, ଗାରବେନା ଡେଜି, ୱିପିଙ୍ଗ ଫିଗ୍, ଏଲିଫ୍ୟାଣ୍ଟ ବଶ ଏବଂ ଲକି ବାମ୍ବୋ ଭଳି ଅକ୍ସିଜେନ ଟ୍ରି ରହିଛି। ଏସବୁ ଗଛର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇ ହଜାରେ ଓ ୧୫ ଶହ ପର୍ଯ୍ୟନ୍ତ ରହିଛି। ବିଭିନ୍ନ କର୍ପୋରେଟ ଅଫିସ, କାର୍ଯ୍ୟାଳୟ ଏବଂ ବନ୍ଧୁଙ୍କ ପାଇଁ ଲୋକ ଏହି ଗଛ ସବୁ ଉପହାର ଦେବା ପାଇଁ କିଣିଛନ୍ତି। ଆଉ କିଛି ବାଡିରେ ଲଗାଯାଉଥିବା ଦୀର୍ଘସ୍ଥାୟୀ ଗଛକୁ ବିଭିନ୍ନ ସ୍ଥାନରେ ରୋପଣ କରିବା ପାଇଁ କିଣିଛନ୍ତି। ବୁଧବାର ସକାଳ ସୁଦ୍ଧା ପାଖାପାଖି ୨ ହଜାରୁ ଅଧିକ ଗଛ ବିକ୍ରି ସରିଲାଣି ବୋଲି ରାମ ମନ୍ଦିର ନିକଟରେ ଥିବା ରାମଜି ପ୍ଲାଣ୍ଟ ସପ୍‌ର କର୍ମଚାରୀ କହିଥିଲେ। ଏହା ବ୍ୟତୀତ ଆହୁରି ଗ୍ରାହକ କାଲି ପାଇଁ ସେହି ପ୍ଲାଣ୍ଟଗୁଡ଼ିକର ବରାଦ ଦେଇଛନ୍ତି

### ଫୁଲ ନୁହେଁ; ଗଛ ଦିଅ

ଇଂରାଜୀ ନୂଆ ବର୍ଷରେ ଫୁଲ ନୁହେଁ ଗଛ ଟିଏ ଉପହାର ଦେବା ସହ ଗଛ ଟିଏ ଲଗାଇବାକୁ ବାର୍ତ୍ତା ଦେଇଛନ୍ତି ଗ୍ରୀନଆର୍ମି ପ୍ରତିଷ୍ଠାତା ଡ. ଦିଲ୍ଲୀପ ଶ୍ରୀଚନ୍ଦନ। ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ଅନୁରୋଧ କରି ସେ କହିଛନ୍ତି ଯେ ବର୍ତମାନ ପରିବେଶ ସମ୍ପୂର୍ଣ ଭାବେ ପ୍ରଦୂଷିତ ହୋଇ ସାରିଲାଣି। ଯାହାର ପ୍ରଭାବ ଆମେ ସମସ୍ତେ ଉପଲବ୍ଧି କରୁଛେ। ବିଶେଷଭାବେ ବାୟୁ ପ୍ରଦୂଷଣର ମାତ୍ରା ଏପରି ସ୍ଥାନରେ ପହଞ୍ଚିଲାଣି ଯେ ସକାଳର ସୂର୍ଯ୍ୟଙ୍କୁ ମଧ୍ୟ ଠିକ ଭାବେ ଦେଖି ପାରୁନାହାନ୍ତି। ବାୟୁ ମଣ୍ଡଳରେ ଥିବା ଧୂଳିକଣାର ମାତ୍ରା ଏପରି ବଢ଼ି ଯାଇଛି। ଫଳରେ ଥଣ୍ଡା ଜର ଆଦି ଲୋକମାନଙ୍କୁ ଆକ୍ରାନ୍ତ କଲାଣି। ଏପରି ସ୍ଥଳେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ନୂଆବର୍ଷରେ ଗଛ ଟିଏ ଲଗାଇବା ସହ ଉପହାରରେ ଗଛ ଦେଇ ପରିବେଶ ସୁରକ୍ଷାରେ ଅଂଶୀଦାର ହେବାକୁ ସେ ନିବେଦନ କରିଛନ୍ତି।

ବୋଲି ସେ କହିଛନ୍ତି। ଅନ୍ୟପଟେ ଉପହାରରେ ଗଛ ଦେବା ଚିନ୍ତାଧାରାକୁ ସ୍ୱାଗତ ଜଣାଇ ଅନେକ ସାମାଜିକ ଅନୁଷ୍ଠାନ ଗଛ ଉପହାର ଦେବା ସହ ଗଛ ଲଗାଇବାକୁ ବାର୍ତ୍ତା ଦେଉଥିବା ଦେଖିବାକୁ ମିଳୁଛି।

## ମଦନ ମୋହନ ମାର୍କେଟ ପକ୍ଷରୁ ପୂଜା ଉତ୍ସବ

ଭୁବନେଶ୍ୱର, ୩୧।୧୨(ସମିସ): ଭଗବାନପୁରସ୍ଥିତ ମଦନ ମୋହନ ମାର୍କେଟ ବଣିକ ସଂଘ ପକ୍ଷରୁ ୩ୟ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ପୂଜାରେ ଶ୍ରୀରାମ ଚନ୍ଦ୍ରଙ୍କ ସହିତ ଗଣେଶ, ଜଗନ୍ନାଥ, ବାବା ଭୋଲେ ନାଥଙ୍କ ବିଗ୍ରହ ଏବଂ ବୀର ହନୁମାନଙ୍କ ବାଲୁକା ବିଗ୍ରହଗୁଡ଼ିକୁ କମିଟି ପକ୍ଷରୁ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବରେ ଅତିଥି ଭାବେ ସୁରେଶ କୁମାର ରାଉତରାୟ, ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣୀ, ରୋଟାରୀ ଆନ୍ ଅଶୋକ ସାମଲ ଯୋଗ ଦେଇ ବଣିକ ସଂଘର କର୍ମ କର୍ତ୍ତା ମାନଙ୍କୁ



ଉତ୍ସାହିତ କରିଥିଲେ। ଏହିପରି ସଂଧ୍ୟାରେ କପିଳେଶ୍ୱର ଦିବ୍ୟାଙ୍ଗ ଭଜନ ଗ୍ରୁପ୍ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରାସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।




## ଲୋକସମ୍ପର୍କ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩୧।୧୨(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗର ଫିଲ୍ମ ଲାଇବ୍ରେରିଆନ୍ ସତ୍ୟନାରାୟଣ ମିଶ୍ର ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶ୍ୟାମସୁନ୍ଦର ସେଠୀଙ୍କୁ ଆଜି ବିଭାଗର କର୍ମଚାରୀ କଲ୍ୟାଣ ସମିତି ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ବିଭାଗୀୟ ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନା ଅଧିକାରୀ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩୧।୧୨(ସମିସ): ରସୁଲଗଡ଼ସ୍ଥିତ ସାଇ ବଚପନ୍ ପାରାଡାଇଜ ପ୍ଲେ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅରବିନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଡ. ପ୍ରତିଭା ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. କୁମରବର ଦାସ ଯୋଗ ଦେଇଥିଲେ। ଶିଶୁମାନଙ୍କର ପ୍ରାରମ୍ଭିକ ଶିକ୍ଷା ହିଁ ଭବିଷ୍ୟତର ଭିତ୍ତି ଓ ପ୍ଲେ ସ୍କୁଲ୍ ଶିଶୁମାନଙ୍କର ମାନସିକ, ଶାରୀରିକ ଓ ସାମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣରେ କୁନି କୁନି ପିଲାଙ୍କ ଦ୍ୱାରା ଅପରେସନ ସିନ୍ଦୂର ପରିବେଷଣ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷୟତ୍ରୀ ବିଜୟାଶ୍ରୀ ସିଂ ସ୍କୁଲର ବାର୍ଷିକ ରିପୋର୍ଟ ପଢ଼ିଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସହ ଦୁଇ ଶିକ୍ଷା ସଂସ୍ଥାନର ବୁଝାମଣାପତ୍ର ସ୍ୱାକ୍ଷର




ଭୁବନେଶ୍ୱର, ୩୧।୧୨(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ସହ ଦିବାକର ପଟ୍ଟନାୟକ ଅଗ୍ରଗ୍ରାମୀ ଶିକ୍ଷା ପ୍ରତିଷ୍ଠାନ ବ୍ରହ୍ମପୁର ଏବଂ ଦେବସଂଘ ବୃତ୍ତିଗତ ଅଧ୍ୟୟନ ଓ ଶିକ୍ଷା ଗବେଷଣା ସଂସ୍ଥାନ ଦେଓଘର, ଝାଡ଼ଖଣ୍ଡ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଅବସରରେ ଆଞ୍ଚଳିକ ନିରନ୍ତର ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ। ଏମଓୟୁ କମିଟି ଅଧ୍ୟକ୍ଷ ପ୍ରଫେସର ହୃଷିକେଶ ସେନାପତି, ଡିପିଆଇଏଏସଇ ଅଧ୍ୟକ୍ଷ ପ୍ରଫେସର ମନୋଜ ପ୍ରଧାନ ଏବଂ ଡିଆଇପିଏସଇଆର ଅଧ୍ୟକ୍ଷ ପ୍ରଫେସର ରଜନୀଶ ପାଣ୍ଡେ ଉପସ୍ଥିତ ଥିଲେ।

## ଓୟୁଏଟି ଶିକ୍ଷକ ସଂଘର ୪୯ତମ ବାର୍ଷିକ ସାଧାରଣ ସଭା



ଭୁବନେଶ୍ୱର, ୩୧।୧୨(ସମିସ): ଓଡ଼ିଶା ବିଶ୍ୱବିଦ୍ୟାଳୟ କୃଷି ଓ ପ୍ରଯୁକ୍ତିବିଦ୍ୟା (ଓୟୁଏଟି) ଶିକ୍ଷକ ସଂଘ (ୟୁଟିଏ)ର ୪୯ତମ ବାର୍ଷିକ ସାଧାରଣସଭା କୃଷି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗ ଦେଇ ଶିକ୍ଷକ ସଂଘର ସକ୍ରିୟ ଭୂମିକାକୁ ପ୍ରଶଂସା କରିଛନ୍ତି। ଅନ୍ୟତମ ଅତିଥି ସିଏସ୍ଆଇଆର୍-ଆଇଏମ୍ଏମ୍ଟିର ବୈଜ୍ଞାନିକ ତଥା ବିଭାଗମୁଖ୍ୟ ପ୍ରଫେସର ଦେବୀ ପ୍ରସାଦ ଦାସ ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରି ଓୟୁଏଟି ସହ ସଂସ୍ଥାଗତ ସହଯୋଗର ପ୍ରସ୍ତାବ ଦେଇଛନ୍ତି। ସଂଘର ସାଧାରଣ ସମ୍ପାଦକ ଡ଼. ରଞ୍ଜନ କର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିବାବେଳେ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଡ଼. ଅଜିତ ନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।












## ଦେବଦାସୀ ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ସମାରୋହ



ଭୁବନେଶ୍ୱର, ୩୧।୧୨(ସମିସ): ଦେବଦାସୀ ନୃତ୍ୟ ମନ୍ଦିର ଦ୍ୱାରା ଆୟୋଜିତ ଦୁଇ ଦିନିଆ ଦେବଦାସୀ ଅନ୍ତରାଷ୍ଟ୍ରୀୟ ନୃତ୍ୟ ସମାରୋହ ଓ ନବୀନ କଳାକାରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟା ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ କାନାଡ଼ାର ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ମିଶ୍ର, କେରଳର ମୋହିନୀ ନାଟ୍ୟମ ନୃତ୍ୟ ଶିଳ୍ପୀ ସୌମ୍ୟ ବାଳଗୋପାଳ, ୱାଇ ଆଶାକୁମାରୀ, ଆସାମର ସତ୍ରୀୟ ନୃତ୍ୟଶିଳ୍ପୀ ଭାବନନ୍ଦ ବରୟନ, ଭୁବନେଶ୍ୱରର ତାନବି ତେଜସ୍ୱିନୀ, ଆମେରିକାର ଓଡ଼ିଶୀ ନୃତ୍ୟଶିଳ୍ପୀ ଦେବାଂଶୀ ନିକିତା ଚୌଧୁରୀ ପ୍ରମୁଖ ନୃତ୍ୟ ପରିବେଷଣ କରଥିଲେ। ସନ୍ଧ୍ୟାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ଡ. ଅରୁଣ ସାହୁ, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ଗଦାଧର ମହାପାତ୍ର, ପ୍ରସନ୍ନ ବିଷୋୟୀ ଉପସ୍ଥିତ ଥିଲେ। ସକାଳର ଅଧିବେଶନକୁ ଓଡ଼ିଶୀ ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ, ଓଡିଶୀ ଗୁରୁ ବ୍ରଜ କିଶୋର ମଲ୍ଲିକ, ଜ୍ୟୋତି ରାଉତ, ପ୍ରମୁଖ ଉଦଘାଟନ କରିଥିଲେ। ଓଡ଼ିଶୀ ଗୁରୁ ଦେବମିତା ସାହୁ ଓ ନାୟିକା ନୀଳପଦ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩ରେ ଜାନକୀ ବଲ୍ଲଭଙ୍କ ଜନ୍ମ ଶତବାର୍ଷିକ ଉତ୍ସବ



ଭୁବନେଶ୍ୱର, ୩୧।୧୨(ସମିସ): ଜାନକୀ ବଲ୍ଲଭ ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ଆସନ୍ତା ୩ ତାରିଖରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ୍ ପଡ଼ିଆରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦୦ ତମ ଜୟନ୍ତୀ ସମାରୋହର ଉଦ୍‌ଘାଟନ ହେବାକୁ ଯାଉଛି। ଏ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଶତବାର୍ଷିକ କମିଟିର ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ ତଥା ଓଡ଼ିଶାର ବିକାଶ ସମ୍ପର୍କିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର, ଫଟୋ ଚିତ୍ର ପଦର୍ଶନୀ ସହିତ ଏକ ସଂକ୍ଷିପ୍ତ ପୁସ୍ତକ ଉନ୍ମୋଚନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକ, ସିପିଆଇ ନେତା ଡି ରାଜା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିରାପ୍ପା ମୋଇଲି ଓ କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେୱାଲା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଶତବାର୍ଷିକୀ କମିଟି ପକ୍ଷରୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଞ୍ଜୟ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ(କନିଷ୍ଠ), ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ପ୍ରଶାନ୍ତ ଶତପଥି, ରଜନୀ କୁମାର ମହାନ୍ତି, ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୯୪ • ପାଉଣ୍ଡ ୧୨୧.୦୧
- ୟୁରୋ ୧୦୫.୫୬ • ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୬୫୦ (ଭୁବନେଶ୍ୱର)
- ରୁପା : ୨,୩୯,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୨୦.୦୦
- ନିଫ୍ଟି ୨୬,୧୨୯.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଆଜିଠୁ ବଦଳିବ ୫ ନିୟମ

**ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି):** ପୁରୁଣା ବର୍ଷ ବିଦାୟ ନେଉଛି, ଆଉ ନୂଆ ବର୍ଷ ଆସିଛି। କେବଳ ତାରିଖ ନୁହେଁ, ଦୈନନ୍ଦିନ ଜୀବନ ଏବଂ ଆର୍ଥିକ ମୋର୍ଚ୍ଚା ସହ ଜଡ଼ିତ ଅନେକ ନିୟମର କଣ୍ଟ ମଧ୍ୟ ପୂରଣ ହୋଇଯାଇଛି। ନୂଆ ସକାଳ ସାଧାରଣ ନାଗରିକଙ୍କ ପାଇଁ ଅନେକ ପରିବର୍ତ୍ତନ ନେଇ ଆସୁଛି। ନୂଆ ବର୍ଷ ସହିତ ୫ଟି ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ବ୍ୟାଙ୍କିଂ, ଡିଜିଟାଲ ପେମେଣ୍ଟ ଏବଂ ନିବେଶ ସମ୍ବନ୍ଧିତ ନିୟମରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଯଦି ଲୋକେ ଏହି ପରିବର୍ତ୍ତନକୁ ଧ୍ୟାନ ନ ଦେବେ ତେବେ ଆର୍ଥିକ ଭାବେ ପ୍ରଭାବିତ ହୋଇପାରନ୍ତି।

ନୂଆ ବର୍ଷରୁ କ୍ରେଡିଟ ସ୍କୋର ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ଋଣ ନେଉଥିବା ଲୋକଙ୍କ ପାଇଁ ସବୁଠାରୁ ବଡ଼ ପରିବର୍ତ୍ତନ କ୍ରେଡିଟ୍ ସ୍କୋର ରିପୋର୍ଟିଂରେ ହେବ। ଏପର୍ଯ୍ୟନ୍ତ, କ୍ରେଡିଟ୍ ବ୍ୟୁରୋ (ସିବିଲ ଆଦିରେ) ସାଧାରଣତଃ ମାସିକ ଆଧାରରେ ଡାଟା ଅପଡେଟ୍ କରୁଥିଲା। ୧ ତାରିଖରୁ ଅର୍ଥାତ ଗୁରୁବାରଠାରୁ ସାପ୍ତାହିକ ଆଧାରରେ ଏହାକୁ ଅପଡେଟ କରାଯିବ। ଋଣର ଇଏମଆଇ କିମ୍ବା କ୍ରେଡିଟ୍ କାର୍ଡ ବିଲ୍ ପରିଶୋଧ କରିବାରେ ଗୋଟିଏ ଦିନ ବିଳମ୍ବ ହେଲେ ଏହା କ୍ରେଡିଟ ସ୍କୋରକୁ ପ୍ରଭାବିତ କରିବ। ଯେଉଁ ଗ୍ରାହକମାନେ ସମୟସୀମା ମଧ୍ୟରେ ପେମେଣ୍ଟ କରନ୍ତି, ତାଙ୍କ ସ୍କୋରରେ ଦ୍ରୁତ ଉନ୍ନତି ଦେଖାଯିବ। ଏହା ଦ୍ୱାରା ସେମାନଙ୍କ ପାଇଁ ଋଣ ପାଇବା ସହଜ ହେବ।

ଆଇଟିଆର ଫାଇଲିଂରେ ଆଉ ସୁବିଧା ମିଳିବ ନାହିଁ। ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଆୟକର ରିଟର୍ଣ୍ଣ (ଆଇଟିଆର) ଦାଖଲ କରିବାର ଶେଷ ତାରିଖ ଥିଲା ଜୁଲାଇ ୩୧ ଥିଲା। ଯେଉଁ କରଦାତାମାନେ ଶେଷ ତାରିଖ ହରାଇଛନ୍ତି, ସେମାନଙ୍କ ପାଇଁ ବିଳମ୍ବିତ ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ଡିସେମ୍ବର ୩୧ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି ଅବଧି ସୁଦ୍ଧା ରିଟର୍ଣ୍ଣ ଫାଇଲ୍ ନ କଲେ ଟିକସ ରିଫଣ୍ଡ ଦାବି କରିପାରିବେ ନାହିଁ। ଡିସେମ୍ବର ୩୧ ପରେ ରିଟର୍ଣ୍ଣ ଫାଇଲ୍ କରିବା ପାଇଁ ଆପଣଙ୍କୁ 'ଅପଡେଟେଡ୍ ରିଟର୍ଣ୍ଣ' (ଆଇଟିଆର-ୟୁ) ବ୍ୟବହାର କରିବାକୁ ପଡିବ। ଏହା ବହୁତ ମହଙ୍ଗା ହେବ। ୧୨ ମାସ ମଧ୍ୟରେ ଫାଇଲ୍ କଲେ ମୋଟ ଟିକସର ୨୫% ଅତିରିକ୍ତ ଜରିମାନା ଦେବାକୁ ପଡିବ। ୨୪ ମାସ ମଧ୍ୟରେ ରିଟର୍ଣ୍ଣ ଫାଇଲ୍ କଲେ ମୋଟ ଟିକସର ୫୦% ଅତିରିକ୍ତ ଜରିମାନା ଦେବାକୁ ପଡିବ। ୩୬ ରୁ ୪୮ ମାସ ବିଳମ୍ବ ହେଲେ ଅତିରିକ୍ତ ୬୦% ରୁ ୭୦% ଟିକସ ଦେବାକୁ ପଡିପାରେ।




ସେହିପରି ନୂଆ ବର୍ଷରୁ ୟୁପିଆଇ ଏବଂ ଡିଜିଟାଲ ପେମେଣ୍ଟ ନିୟମ ଅଧିକ କଠୋର ହେବ। ବଢୁଥିବା ଡିଜିଟାଲ୍ ଏବଂ ବ୍ୟାଙ୍କିଂ ଠକେଇର ରୋକିବା ପାଇଁ ୧ ତାରିଖରୁ ଡିଜିଟାଲ୍ କାରବାର ନିୟମାବଳୀ କଠୋର ହେବାକୁ ଯାଉଛି। ସରକାର ଏବଂ ଆରବିଆଇ ଦ୍ୱାରା ନିର୍ଦ୍ଦେଶିତ, ୟୁପିଆଇ ପ୍ଲାଟଫର୍ମଗୁଡ଼ିକ (ଗୁଗଲ ପେ, ଫୋନପେ, ହ୍ୱାଟସଆପ) ଏବେ ଅଧିକ କଠୋର କେୱାଇସି ପ୍ରକ୍ରିୟା ପାଳନ କରିବାକୁ ବାଧ୍ୟ ହେବେ। ନକଲି ଆକାଉଣ୍ଟଗୁଡ଼ିକୁ ରୋକିବା ପାଇଁ ନୂତନ ନିୟମାବଳୀ ମୋବାଇଲ୍ ନମ୍ବର ଯାଞ୍ଚ ଏବଂ ଆକାଉଣ୍ଟ ଲିଙ୍କ୍ ପ୍ରକ୍ରିୟାରେ ଅତିରିକ୍ତ ସୁରକ୍ଷା ସ୍ତର ଯୋଡ଼ାଯିବ।

ସେହିପରି ଆର୍ଥିକ ନିୟାମକମାନେ ସ୍ପଷ୍ଟ କରିଛନ୍ତି ଯେ ପାନ ଏବଂ ଆଧାର ଲିଙ୍କ୍ କରିବା ବାଧ୍ୟତାମୂଳକ। କିନ୍ତୁ ଏହି ଅବଧି ବୁଧବାର ଶେଷ ହୋଇଛି। ଯଦି ଏପର୍ଯ୍ୟନ୍ତ କେହି ଆଧାର-ପାନ ଲିଙ୍କ କରିନାହାନ୍ତି ତେବେ ସେମାନେ ଅସୁବିଧାର ସମ୍ମୁଖୀନ ହେବେ। ଏହା ଦ୍ୱାରା ଟିକସ ରିଫଣ୍ଡ ହୋଇପାରିବ ନାହିଁ। ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ଅସୁବିଧା ଏବଂ ମ୍ୟୁଚୁଆଲ୍ ଫଣ୍ଡ କିମ୍ବା ଷ୍ଟକ୍ ବଜାରରେ ନିବେଶ ବନ୍ଦ କରିବା ଭଳି ସମସ୍ୟା ସୃଷ୍ଟି କରିପାରେ।

ଏହା ବ୍ୟତୀତ ନୂଆ ବର୍ଷରୁ ଇନ୍ଧନ ମୂଲ୍ୟ ବଢ଼ିପାରେ। ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ ଏବଂ ରୋଷେଇ ଗ୍ୟାସ ମୂଲ୍ୟ ବୃଦ୍ଧି କରିପାରନ୍ତି। ନୂଆ ବର୍ଷରୁ ଏକ ଐତିହାସିକ ପରିବର୍ତ୍ତନ ହେବାକୁ ଯାଉଛି। କେନ୍ଦ୍ର ସରକାର ନୂଆ ଆୟକର ଆଇନ କାର୍ଯ୍ୟକାରୀ କରିପାରନ୍ତି। ନୂଆ ଆୟକର ଆଇନ ୧ ଏପ୍ରିଲ୍ ୨୦୨୬ ରେ ଦେଶରେ କାର୍ଯ୍ୟକାରୀ ହେବ। ଏହାର ଲକ୍ଷ୍ୟ ହେଉଛି ଟିକସ ପ୍ରକ୍ରିୟାକୁ ସରଳ ଏବଂ ମାମଲା ହ୍ରାସ କରିବା।

### ବର୍ଷର ଶେଷ ଦିନରେ ବଢ଼ିଲା ସେୟାର ବଜାର

# ସେନ୍‌ସେକ୍ସ ୫୪୬, ନିଫ୍ଟି ୧୯୧ ପଏଣ୍ଟ ବୃଦ୍ଧି

**ମୁମ୍ବଇ, ୩୧।୧୨ (ଏଜେନ୍ସି):** ବର୍ଷର ଶେଷ ଦିନରେ ସେୟାର ବଜାରରେ ଉତ୍ସାହ ଦେଖିବାକୁ ମିଳିଛି। ବୁଧବାର ବିଏସଇ ସେନସେକ୍ସ ୫୪୬ ପଏଣ୍ଟ ବୃଦ୍ଧି ପାଇଛି। ୮୫.୨୨୧ ରେ ବଜାର ବନ୍ଦ ହୋଇଛି। ଆଜି ସେନ୍‌ସେକ୍ସର ୩୦ରୁ ୨୫ଟି ସେୟାର ଦ୍ରୁତ ଗତିରେ ବଢିଥିଲା। ସେହିପରି ଏନ୍‌ଏସଇ ନିଫ୍ଟି ୧୯୧ ପଏଣ୍ଟ ବଢି ୨୬.୧୩୦ରେ ପହଞ୍ଚିଛି। ଏହାର ୫୦ ସେୟାରରୁ ୪୪ଟି ବୃଦ୍ଧି ପାଇଥିଲା। ଆଜି କାରବାରରେ ବ୍ୟାଙ୍କିଂ, ମେଟାଲ, ଏନର୍ଜି ଏବଂ ଏଫଏମସିଜି ସେୟାର ଗୁଡ଼ିକ ଅଧିକ ବଢ଼ି ଥିଲା। ନିଫ୍ଟିରେ ଜେଏସଡବ୍ଲ୍ୟୁ ଷ୍ଟିଲ, ଓଏନଜିସି, ଟାଟା ଷ୍ଟିଲରେ ସେୟାର ସର୍ବାଧିକ ବଢିଥିବାବେଳେ ଟିସିଏସ, ଟେକ ମହିନ୍ଦ୍ରା, ଗ୍ରାସିମର ହ୍ରାସ ପାଇଥିଲା।



ଅନ୍ୟପଟେ ବିଶ୍ୱ ବଜାରରେ ଆଜି କୋରିଆର କୋସ୍ପି, ଜାପାନର ନିକେଇ ଆଜି ବନ୍ଦ ଥିଲା। ହଂକଂର ହାଙ୍ଗସେଙ୍ଗ ୦.୮୭ ହ୍ରାସ ପାଇଥିବାବେଳେ ଚୀନ୍‌ର ସାଙ୍ଗାଇ କମ୍ପୋଜିଟ ୦.୦୯ ପ୍ରତିଶତ ବଢ଼ି ଥିଲା।

### ଭୋଡାଫୋନ-ଆଇଡିଆକୁ ଆଶ୍ୱସ୍ତି

# ୮୭, ୬୯୫ କୋଟିର ବକେୟା ଏଜିଆର ଉପରେ ୫ ବର୍ଷ ରିହାତି

**ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି):** ଟେଲିକମ କମ୍ପାନୀ ଭୋଡାଫୋନ-ଆଇଡିଆ (ଭିଆଇ)କୁ କେନ୍ଦ୍ର ସରକାର ବଡ଼ ଆଶ୍ୱସ୍ତି ଦେଇଛନ୍ତି। ଋଣ ଭାରରେ ବୁଡ଼ି ରହିଥିବା ଭିଆଇ ପାଇଁ ଆଶ୍ୱସ୍ତି ପ୍ୟାକେଜକୁ ମଞ୍ଜୁରି ଦେଇଛନ୍ତି। କମ୍ପାନୀ ଉପରେ ଏବେ ୮୭, ୬୯୫ କୋଟି ଟଙ୍କାର ଆଡଜଷ୍ଟେଡ ଗ୍ରସ ରେଭିନ୍ୟୁ (ଏଜିଆର) ବକେୟା ରହିଛି। ସରକାର ଏବେ ଏହାକୁ ଫ୍ରିଜ ତଥା ସ୍ଥଗିତ ରଖିଛନ୍ତି। ଏବେ କମ୍ପାନୀକୁ ତୁରନ୍ତ ଏଜିଆର ବାବଦ ଅର୍ଥ ଦେବାକୁ ପଡ଼ିବ ନାହିଁ। ୫ ବର୍ଷ ପରେ ୨୦୩୨ରୁ ୨୦୪୧ ମଧ୍ୟରେ ଏହି ଅର୍ଥ ଦେବାକୁ ହେବ। ଅନ୍ୟପଟେ ଭିଆଇ ପକ୍ଷରୁ ଏ ନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଏଜିଆର ବକେୟାକୁ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ମିଳି ନାହିଁ ବୋଲି କୁହାଯାଇଛି। ଷ୍ଟକ ଏକ୍ସଚେଞ୍ଜ ସ୍ପଷ୍ଟୀକରଣ ମାଗିବା ପରେ ଭିଆଇ ପକ୍ଷରୁ ଏହି ବିବୃତ୍ତି ଜାରି କରାଯାଇଛି। ଏହି ଖବର ଆସିବା ପରେ କମ୍ପାନୀର ସେୟାର ଆଜି ୧୧.୫ ପ୍ରତିଶତ ହ୍ରାସ ପାଇ ୧୦.୬୭ ଟଙ୍କାରେ ପହଞ୍ଚି ଯାଇଛି। ମାସକେ କମ୍ପାନୀର ସେୟାର ୭ ପ୍ରତିଶତ ଏବଂ ଛଅ ମାସରେ ୪୩ ପ୍ରତିଶତ ବୃଦ୍ଧି ପାଇଛି। ଏହା ବର୍ଷକରେ ନିବେଶକଙ୍କୁ ୩୪ ପ୍ରତିଶତ ରିଟର୍ଣ୍ଣ ଦେଇଛି। ଏହି କମ୍ପାନୀର ମାର୍କେଟ କ୍ୟାପ ୧.୧୭ ଲକ୍ଷ କୋଟି ଟଙ୍କା ରହିଛି। କମ୍ପାନୀ ଏଜିଆରରେ ଆଶ୍ୱସ୍ତି ଦେବା ପାଇଁ ଦୀର୍ଘ ଦିନ ହେଲା ସରକାରଙ୍କୁ ନିବେଦନ କରି ଚାଲିଥିଲା। ଯଦି ଏହି ଆଶ୍ୱସ୍ତି ମିଳି ନ ଥାଆନ୍ତା ତେବେ କମ୍ପାନୀକୁ ନିଜ ପରିଚାଳନା ଜାରି ରଖିବାରେ ମଧ୍ୟ ସମସ୍ୟା ହୋଇଥାନ୍ତା। ଏବେ କିଛି ବର୍ଷ ପର୍ଯ୍ୟନ୍ତ କମ୍ପାନୀକୁ ଏଜିଆର ବକେୟା ଦେବାକୁ ପଡ଼ିବ ନାହିଁ।

### କମ୍ପାନୀର ସ୍ପଷ୍ଟୀକରଣ; ସରକାରଙ୍କ ସହ ଆଲୋଚନା ହୋଇନି

# ଚଇତି ମହୋତ୍ସବରେ ସାମିଲ ହୋଇ ଆଦିବାସୀଙ୍କ କଳା ଓ ଜୀବନଜୀବିକାକୁ ପାଳନ କରିଛି ବେଦାନ୍ତ ଆଲୁମିନିୟମ୍



**ଭୁବନେଶ୍ୱର, ୩୧।୧୨ (ଏଜେନ୍ସି):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ରାୟଗଡ଼ାରେ ଚଇତି ମହୋତ୍ସବରେ ସାମିଲ ହୋଇଛି। ଏପରି କରି ସାଂସ୍କୃତିକ ସଂରକ୍ଷଣ ଏବଂ ଗୋଷ୍ଠୀ ନେତୃତ୍ୱାଧୀନ ବିକାଶ ପ୍ରତି ବେଦାନ୍ତ ନିଜର ପ୍ରତିବଦ୍ଧତାକୁ ଦର୍ଶାଇଛି। ଏହି କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ୫୦୦ରୁ ଅଧିକ କଳାକାରଙ୍କୁ ଏକାଠି କରିବା ସହିତ ଆଦିବାସୀ କଳା, ସଂସ୍କୃତି ଏବଂ ପରମ୍ପରାକୁ ପ୍ରୋତ୍ସାହନ ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରେ।

ବେଦାନ୍ତ ଆଲୁମିନିୟମର ଷ୍ଟଲ ମହୋତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା। ଏଥିରେ ସଉରା ଚିତ୍ରକଳା ଏବଂ ଡୋକ୍ରା ହସ୍ତଶିଳ୍ପ ଭଳି ପାରମ୍ପରିକ ଆଦିବାସୀ କଳାର ଏକ ମିଶ୍ରଣ ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପ ସଖୀ ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହା କମ୍ପାନୀର ମହିଳା-ସଶକ୍ତିକରଣ ପଦକ୍ଷେପ ସହିତ ଲଘୁ ଉଦ୍ୟୋଗୀଙ୍କ ପ୍ରୋତ୍ସାହନକୁ ଦର୍ଶାଉଛି। ଓଡ଼ିଶାର ହକି ଇଣ୍ଡିଆ ଲିଗ୍ ଦଳ, ବେଦାନ୍ତ ଆଲୁମିନିୟମର ମାଲିକାନାରେ ଥିବା କଳିଙ୍ଗ ଲାନ୍ସର୍ସର ପ୍ରଦର୍ଶନୀ ଏହାର ପ୍ରମୁଖ ଆକର୍ଷଣ ପାଲଟି ଥିଲା। ବେଦାନ୍ତ ଆଲୁମିନିୟମ ଷ୍ଟଲକୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହା ୨୫ ହଜାରରୁ ଅଧିକ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏଥିରେ ରାୟଗଡ଼ାର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ଏବଂ ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ସଚିନ ଆନ୍ନାସାହେବଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଯୋଗ ଦେଇଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ସ୍ୱଦେଶୀ କଳା ସଂସ୍କୃତିକୁ ପାଳନ ଏବଂ ସ୍ଥାନୀୟ କାରିଗରଙ୍କୁ ସମର୍ଥନ କରିବାର ପ୍ରତିବଦ୍ଧତାକୁ ଏହି ଷ୍ଟଲ ପ୍ରତିଫଳିତ କରୁଛି। ସମ୍ପ୍ରଦାୟଗୁଡ଼ିକୁ ବ୍ୟାପକ ଦର୍ଶକଙ୍କ ସହିତ ଯୋଡୁଥିବା ପ୍ଲାଟଫର୍ମ ସୃଷ୍ଟି କରି ଆମେ ଉଦ୍ୟମିତାକୁ ପ୍ରୋତ୍ସାହନ, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ଅନ୍ତର୍ଭୁକ୍ତି ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାର ଲକ୍ଷ୍ୟ ରଖିଛୁ।'

### 'ଓସେନ୍ସ ଇଲେଭେନ' ଚଳଚ୍ଚିତ୍ର ଶୈଳୀରେ ଚୋରି

# ଜର୍ମାନୀ ବ୍ୟାଙ୍କରୁ ଲୁଟିନେଲେ ୨୯୦ କୋଟି

**ବର୍ଲିନ, ୩୧।୧୨(ଏଜେନ୍ସି):** ଜର୍ମାନୀର ଗେଲେସେନକିର୍ଚ୍ଚେନ୍ସ ସ୍ପାର୍କାସେ ବ୍ୟାଙ୍କରୁ ୨୯୦ କୋଟି ଟଙ୍କା ଚୋରି ହୋଇଛି। ଏଥିପାଇଁ ଚୋରମାନେ ଅଭିନବ ଉପାୟ ଅବଲମ୍ବନ କରିଥିଲେ। ବ୍ୟାଙ୍କର ପାର୍କିଂ ଗ୍ୟାରେଜରେ ଥିବା କାନ୍ଥରେ ଏକ ବଡ଼ ଡ୍ରିଲ ମେସିନ ସହାୟତାରେ ଗାତ କରିଥିଲେ। ଏହା ମାଧ୍ୟମରେ ବ୍ୟାଙ୍କ ଭିତରେ ପଶି ଥିଲେ। ପରେ ୩, ୨୫୦ରୁ ଅଧିକ ସେଫ୍ ଡିପୋଜିଟ୍ ଲକର ଭାଙ୍ଗି ନଗଦ ଓ ମୂଲ୍ୟମାନ ଅଳଙ୍କାର ନେଇ ପଳାଇ ଯାଇଥିଲେ। ପୁଲିସ ସୂଚନା ଅନୁଯାୟୀ, ଖ୍ରୀଷ୍ଟମାସ ଛୁଟିର ଫାଇଦା ଉଠାଇ ଚୋରମାନେ ଏହି କାଣ୍ଡ ଘଟାଇଥିଲେ। ଛୁଟି ସମୟରେ ଅଧିକାଂଶ ଦୋକାନ ଓ ଅଫିସ ବନ୍ଦ ଥିଲା। ଫଳରେ ଚୋରଙ୍କୁ ଚୋରି କରିବାର ସୁଯୋଗ ମିଳିଥିଲା। ଡିସେମ୍ବର ୨୯ ସକାଳେ ବ୍ୟାଙ୍କର ଫାୟାର ଆଲାରାମ ବାଜିବା ପରେ ଚୋରି ଘଟଣା ସାମ୍ନାକୁ ଆସିଥିଲା। ଏହି କାର୍ଯ୍ୟ ପାଇଁ ଭାରୀ ଡ୍ରିଲିଂ ମେସିନ ବ୍ୟବହାର କରାଯାଇଛି ବୋଲି ତଦନ୍ତରୁ ଜଣାପଡ଼ିଛି। ବ୍ୟାଙ୍କ ନିକଟରେ ରହୁଥିବା କିଛି ଲୋକ ଶନିବାର ରାତି ଓ ରବିବାର ସକାଳ ମଧ୍ୟରେ କିଛି ମୁଖାପିନ୍ଧା ବ୍ୟକ୍ତି ବଡ଼ ବ୍ୟାଗ ଧରି ଯାଉଥିବାର ଦେଖିଥିଲେ। ପୁଲିସ ଏହି ସମ୍ପୂର୍ଣ୍ଣ ଚୋରି ପ୍ରକ୍ରିୟାକୁ ହଲିଉଡ ଫିଲ୍ମ 'ଓସେନ୍ସ ଇଲେଭେନ' ସହ ତୁଳନା କରିଛି। ଏହା ଏକ ସୁଚିନ୍ତିତ କାଣ୍ଡ ବୋଲି କୁହାଯାଇଛି। ପୁଲିସ ଖୁବଶୀଘ୍ର ଚୋରମାନଙ୍କୁ ଧରିବ ବୋଲି ବ୍ୟାଙ୍କ ଆଶା ପ୍ରକାଶ କରିଛି।






# କ୍ଷୁଦ୍ର ସଞ୍ଚୟ ଜମାର ସୁଧ ହାର ଅପରିବର୍ତ୍ତିତ

### ସୁକନ୍ୟାରେ ୮.୨%, ପିପିଏଫରେ ମିଳିବ ୭.୧%

**ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି):** ଜାନୁଆରୀରୁ ମାର୍ଚ୍ଚ ତ୍ରୈମାସିକ ପାଇଁ ସରକାର କ୍ଷୁଦ୍ର ସଞ୍ଚୟ ଜମାର ସୁଧ ହାର ଅପରିବର୍ତ୍ତିତ ରଖିଛନ୍ତି। ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ), ପୋଷ୍ଟ ଅଫିସ ଏଫଡି, ସୁକନ୍ୟା ସମୃଦ୍ଧି ଯୋଜନା (ଏସଏସୱାଇ) ଏବଂ ନ୍ୟାସନାଲ ସେଭିଂ ସାର୍ଟିଫିକେଟ (ଏନଏସସି)ରେ ସୁଧହାର ପୂର୍ବଭଳି ସମାନ ରହିଛି। ଅର୍ଥ ମନ୍ତ୍ରାଳୟ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। କ୍ରମାଗତ ୮ଟି ତ୍ରୈମାସିକରେ ସୁଧ ହାର ଅପରିବର୍ତ୍ତି ରହିଛି। ଶେଷ ଥର ପାଇଁ ୨୦୨୩ ଡିସେମ୍ବରରେ ସରକାର ସୁଧ ହାର ବୃଦ୍ଧି କରିଥିଲେ। ଏବେ ପିପିଏଫରେ ପୂର୍ବଭଳି ୭.୧ ପ୍ରତିଶତ, ଏସଏସୱାଇରେ ୮.୨ ପ୍ରତିଶତ ସୁଧ ଜାରି ରହିବ। କ୍ଷୁଦ୍ର ସଞ୍ଚୟ ଯୋଜନା ଉପରେ ସୁଧ ହାର ୪ ପ୍ରତିଶତରୁ ୮.୨ ପ୍ରତିଶତ ମଧ୍ୟରେ ରହିଛି। ଏହା ଉପରେ ନିଷ୍ପତ୍ତି ନେବା ପୂର୍ବରୁ ସରକାର ନଗଦ ଏବଂ ମୁଦ୍ରାସ୍ଫୀତୀକୁ ଧ୍ୟାନରେ ରଖିଛନ୍ତି। ପ୍ରତି ତିନି ମାସରେ ଏହି ସୁଧ ହାରର ସମୀକ୍ଷା କରାଯାଇଥାଏ। ଶ୍ୟାମଲା ଗୋପୀନାଥ କମିଟି ଏହି ସୁଧ ହାର ଧାର୍ଯ୍ୟ କରିବାର ସୂତ୍ର ଦେଇଥିଲେ।

### ସୁଡ଼ଙ୍ଗରେ ଦୁଇ ଲୋକୋ ଟ୍ରେନ୍ ଧକ୍କା

# ଓଡ଼ିଶା ଶ୍ରମିକଙ୍କ ସମେତ ୭୦ ଆହତ

**ଚାମୋଲି, ୩୧।୧୨(ଏଜେନ୍ସି):** ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାର ପିପଲ କୋଟିସ୍ଥିତ ଟିଏଚ୍‌ଡିସି ଜଳ ବିଦ୍ୟୁତ ପ୍ରକଳ୍ପ କ୍ଷେତ୍ରରେ ନିର୍ମିତ ସୁଡ଼ଙ୍ଗ ଭିତର ଦୁଇଟି ଲୋକୋ ଟ୍ରେନ ମଧ୍ୟରେ ଧକ୍କା ହୋଇଛି। ମଙ୍ଗଳବାର ରାତି ୯ ଟାରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ୭୦ଜଣ ଶ୍ରମିକ ଆହତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ଅଛନ୍ତି। ଦୁର୍ଘଟଣା ସମୟରେ ଟ୍ରଲିରେ ପାଖାପାଖି ୧୧୦ ଇଞ୍ଜିନିୟର, କର୍ମଚାରୀ ଓ ଶ୍ରମିକ ବସିଥିଲେ। ସେମାନେ ନିଜ ସିଫ୍ଟ ତଥା ଡ୍ୟୁଟି ସାରି ପ୍ରତ୍ୟାବର୍ତ୍ତନ କରୁଥିଲେ। ଆହତ ୭୦ ଜଣଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୬୬ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଆହତଙ୍କ ମଧ୍ୟରେ ଅଧିକାଂଶ ଶ୍ରମିକ ଥିଲେ। ଏହି ଶ୍ରମିକମାନେ ବିହାର, ଝାଡଖଣ୍ଡ ଓ ଓଡ଼ିଶାର ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଲୋକୋ ଟ୍ରେନ୍‌ଗୁଡ଼ିକ ସୁଡଙ୍ଗ ଭିତରରେ ବ୍ୟବହାର କରାଯାଇଥାଏ । ଏହା ଦ୍ୱାରା ଶ୍ରମିକ, ଅଧିକାରୀ, ଇଞ୍ଜିନିୟର ଓ ନିର୍ମାଣ କାର୍ଯ୍ୟପାଇଁ ସାମଗ୍ରୀ ପରିବହନ କରାଯାଇଥାଏ। ଗୋଟିଏ ଲୋକୋ ଟ୍ରେନ୍‌ର ବ୍ରେକ୍ ଫେଲ ହେବା କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଇଛି।